## ସଂକ୍ଷେପରେ

### ଯୁବକଙ୍କୁ ଖଣ୍ଡା, ଭୁଜାଲିରେ ଆକ୍ରମଣ

**ଢେଙ୍କାନାଳ ଅଫିସ, ୧୮।୪:** ବ୍ଲାଉଜ ସିଲେଇକୁ କେନ୍ଦ୍ର କରି ଗାଁ ଦାଣ୍ଡରେ ଜଣେ ଯୁବକଙ୍କୁ ଗୋଡାଇ ଗୋଡାଇ ଖଣ୍ଡା ଓ ଭୁଜାଲିରେ ଆକ୍ରମଣ କରାଯାଇଛି। ସମ୍ପୃକ୍ତ ଯୁବକଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ଢେଙ୍କାନାଳ ଓ ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଢେଙ୍କାନାଳ ସଦରଥାନା ଟଭାପାଳ ସୁନ୍ଦରପଡା ଗାଁରେ ସୋମବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ଏ ସଂକ୍ରାନ୍ତରେ ସଦର ଥାନାରେ ନମ୍ବର ୩୨୪/୨୩ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ କାହାରିକୁ ଗିରଫ କରାଯାଇ ନ ଥିବା ସଦର ଥାନା ଅଧିକାରୀ ପ୍ରଦୀପ ପ୍ରଧାନ କହିଛନ୍ତି। ପୋଲିସ କହିଛି, ସୁନ୍ଦରପଡା ଗ୍ରାମର ବିପିନଙ୍କ ସ୍ତ୍ରୀ ସୁମିତ୍ରା ପରିଡା ବ୍ଲାଉଜ ସିଲେଇ ପାଇଁ ସେହି ଗାଁର ବାପୁନୀ ରାଉତଙ୍କ ସ୍ତ୍ରୀଙ୍କୁ ଦେଇଥିଲେ। ସିଲେଇ ଭୁଲ କରିବାରୁ ସେ ଟଙ୍କା ଦେବାକୁ ମନା କରି ଦେଇଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ବାପୁନୀ ଓ ତାଙ୍କର ୪ ଜଣ ସହଯୋଗୀ ମିଶି ବିପିନଙ୍କୁ ଆକ୍ରମଣ କରିଥିଲେ। ସଦର ଥାନା ପୋଲିସ ତଦନ୍ତ ଜାରି ରଖିଛି।

# ଢେଙ୍କାନାଳରେ ପାରଦ ୪୧ ଟପିଲା


ପ୍ରବଳ ତାତି ଯୋଗୁ ଢେଙ୍କାନାଳ ସହର ରାସ୍ତା ଖାଁ ଖାଁ ହୋଇଯାଇଥିବା ବେଳେ ଖରାରୁ ରକ୍ଷା ପାଇବା ପାଇଁ ପଥଚାରୀ ଛତା ଧରିଛନ୍ତି।

- ସହର ରାସ୍ତା ଖାଁ ଖାଁ, ଜନଜୀବନ ଅସ୍ତବ୍ୟସ୍ତ
- ଘନ ଘନ ବିଦ୍ୟୁତ୍ କାଟକୁ ନେଇ ଅସନ୍ତୋଷ
- ବନ୍ୟଜନ୍ତୁଙ୍କ ପାଇଁ ହେଉଛି ପାନୀୟ ଜଳ ବ୍ୟବସ୍ଥା

**ଢେଙ୍କାନାଳ ଅଫିସ, ୧୮।୪**

ଢେଙ୍କାନାଳ ସହରର ତାପମାତ୍ରା ଦିନକୁ ଦିନ ବଢ଼ିବାରେ ଲାଗିଛି। ସକାଳୁ ଟାଣ ଖରା ସାଙ୍ଗକୁ ମଧ୍ୟାହ୍ନରେ ତତଲା ପବନ ଓ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଏଥିସହ ଘନ ଘନ ବିଦ୍ୟୁତ୍ କାଟ୍ ସହରବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ମଙ୍ଗଳବାର ଢେଙ୍କାନାଳର ତାପମାତ୍ରା ୪୧ ଡିଗ୍ରୀ ଟପିଯାଇଥିବା ଜଣାପଡ଼ିଛି।

ସକାଳୁ ସହରର ତାପମାତ୍ରା ହଠାତ ବଢ଼ିଯାଉଥିବାରୁ ପୂର୍ବାହ୍ନ ୧୧ଟା ପରେ ରାସ୍ତା ଶୂନଶାନ ହୋଇପଡୁଛି। ଜରୁରୀ କାର୍ଯ୍ୟ ନ ଥିଲେ ଅଧିକାଂଶ ଲୋକ ପଦାକୁ ବାହାରୁ ନ ଥିବା ବେଳେ ବଜାରରେ ବ୍ୟବସାୟ ମଧ୍ୟ ମାନ୍ଦା ପଡ଼ିଯାଇଛି। ତେବେ ଆଖୁରସ, ପଇଡ଼, ଲସି ଦୋକାନଗୁଡ଼ିକରେ ପ୍ରବଳ ଭିଡ଼ ହେଉଥିବା ଦେଖିବାକୁ ମିଳୁଛି। କିନ୍ତୁ ତାପମାତ୍ରା ସମ୍ପର୍କରେ ପ୍ରଶାସନ ପକ୍ଷରୁ ରେକର୍ଡ କରାଯାଉ ନ ଥିବାରୁ ଜନସାଧାରଣ ଏହା ଠିକ୍‌ରେ ଜାଣିପାରୁ ନାହାନ୍ତି। ଏପରି ତାତିକୁ ଦେଖି ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ଜଣାପଡ଼ିଛି। ଅଂଶୁଘାତ ମୁକାବିଲା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲାର ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି। ଆବଶ୍ୟକ ବେଡ୍ ସହ ଔଷଧ ମହଜୁଦ ରଖାଯାଇଛି। ତେବେ ଅତି ଆବଶ୍ୟକ ନ ପଡ଼ିଲେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଘରୁ ବାହାରକୁ ନ ଯିବା ପାଇଁ ଜନସାଧାରଣଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସଚେତନ କରାଯାଉଛି। ଶ୍ରମିକମାନଙ୍କୁ ମଧ୍ୟ ଏହି ସମୟ ମଧ୍ୟରେ କାମ ନ କରିବାପାଇଁ କୁହାଯାଇଥିବା ଜିଲାପାଳ ସରୋଜ କୁମାର ସେଠୀ ପ୍ରକାଶ କରିଛନ୍ତି। ସେହିପରି ବନ୍ୟପ୍ରାଣୀମାନଙ୍କ ଅବସ୍ଥା ମଧ୍ୟ ଚିନ୍ତାଜନକ ହୋଇଛି। ଜିଲାର ବିଭିନ୍ନ ଜଙ୍ଗଲରେ ଥିବା ଜଳାଶୟ ଗୁଡିକ ଶୁଖି ଯାଉଥିବାରୁ ବନ୍ୟପ୍ରାଣୀମାନେ ଜନବସତି ମୁହାଁ ହୋଇଛନ୍ତି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କର କହିଛନ୍ତି, ହିନ୍ଦୋଳ ରେଞ୍ଜ ସମେତ ଜିଲାର ଅନ୍ୟ ଜଙ୍ଗଲରେ ସୋଲାର ବ୍ୟବସ୍ଥା ମାଧ୍ୟମରେ ପାଣି ପମ୍ପିଙ୍ଗ କରାଯାଇ କଂକ୍ରିଟ କୁଣ୍ଡରେ ରଖାଯିବା ବ୍ୟବସ୍ଥା ହୋଇଛି। ୱାଟର ହାରଭେଷ୍ଟିଙ୍ଗ ଯୋଜନାରେ ବହୁ ଜଙ୍ଗଲରେ ମଧ୍ୟ ଜଳ ସଂରକ୍ଷଣ କରାଯାଇଛି। ତେଣୁ ବନ୍ୟଜନ୍ତୁଙ୍କ ପିଇବା ପାଇଁ ସେପରି ଅସୁବିଧା ହେବନି ବୋଲି ଆଶା କରାଯାଉଛି। ସେହିପରି ଘନ ଘନ ବିଦ୍ୟୁତ୍ କାଟ ଅଭିଯୋଗ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ବେଣୁଧର ଦାସ କହିଛନ୍ତି, ହଠାତ ତାପମାତ୍ରା ବୃଦ୍ଧି ଯୋଗୁ ୨ ଦିନ ସମସ୍ୟା ହୋଇଥିଲା। ଏକ ବଡ଼ ଟ୍ରାନ୍ସଫର୍ମର ପୋଡିଯିବାରୁ ବିଦ୍ୟୁତ୍ କାଟ୍ ହୋଇଥିଲା। ଇତିମଧ୍ୟରେ ଟ୍ରାନ୍ସଫର୍ମରକୁ ମରାମତି କରାଯାଇଥିବା ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଛନ୍ତି।


ଖରାରୁ ରକ୍ଷା ପାଇଁ ଏକ ପରିବାର ଗଛତଳେ ବସିଥିବା ବେଳେ ଜଣେ ପିଲା ପାଣି ପିଉଛନ୍ତି।


ଟାଣ ଖରାବେଳେ ଢେଙ୍କାନାଳ ସହରରେ ଦୁଇ ଯୁବକ ଆଖୁରସ ପିଉଛନ୍ତି।

## ତାଲିମ ସମୟ ପରିବର୍ତ୍ତନ ଦାବି

**ଛେଣ୍ଡିପଦା,୧୮।୪(ସ୍ୱ.ପ୍ର.)**

ଛେଣ୍ଡିପଦା ସଦର ମହକୁମାସ୍ଥିତ ବ୍ଲକ କଲୋନୀ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଚାଲିଥିବା ବ୍ଲକସ୍ତରୀୟ ଶିକ୍ଷକ ତାଲିମର ସମୟ ପରିବର୍ତ୍ତନ କିମ୍ବା ଓ ଏହାକୁ ବାତିଲ ପାଇଁ ଦାବି ହୋଇଛି। ଏ ନେଇ ସୋମବାର ଶିକ୍ଷୟିତ୍ରୀଶିକ୍ଷକମାନେ ଛେଣ୍ଡିପଦା ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ଘଟଣାରୁ ଜଣାପଡ଼ିଛି, ଛେଣ୍ଡିପଦା ବ୍ଲକର ୧୦୪ ଜଣ ଶିକ୍ଷୟିତ୍ରୀଶିକ୍ଷକ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ବ୍ଲକ କଲୋନୀରେ ପ୍ରାରମ୍ଭ ତାଲିମ ନେଉଛନ୍ତି। ଅତ୍ୟଧିକ ଗ୍ରୀଷ୍ମପ୍ରବାହ ଯୋଗୁ ଗୋଟିଏ କୋଠରୀରେ ୫୨ଜଣ ଲେଖାଏଁ ଶିକ୍ଷୟିତ୍ରୀଶିକ୍ଷକ ତାଲିମ ନେବା କଷ୍ଟକର ହୋଇପଡୁଛି। ସରକାର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ତୁରନ୍ତ ଏହି ତାଲିମ ସମୟ ପରିବର୍ତ୍ତନ କରିବା ନଚେତ ଏହାକୁ ବାତିଲ କରିବାକୁ ଶିକ୍ଷୟିତ୍ରୀଶିକ୍ଷକମାନେ ଦାବି କରିଛନ୍ତି।




# ସ୍କାଉଟ୍ସ ଗାଇଡ୍ସ କ୍ୟାମ୍ପୋରିରେ ଢେଙ୍କାନାଳ ପ୍ରଥମ

### ରାଜ୍ୟପାଳଙ୍କଠାରୁ ପୁରସ୍କାର ଗ୍ରହଣ କଲେ ଜିଲା ଶିକ୍ଷା ଅଧିକାରୀ

**ଢେଙ୍କାନାଳ ଅଫିସ, ୧୮।୪**

ବେଷ୍ଟ ସ୍କାଉଟ୍ସ ଗାଇଡ୍ସ କ୍ୟାମ୍ପୋରି ପାଇଁ ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି ରାଜ୍ୟପାଳଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ରାଜଭବନରେ ଆୟୋଜିତ ଭାରତ ସ୍କାଉଟ୍ସ ଗାଇଡ୍ସର ୩୭ତମ ରାଜ୍ୟ ପୁରସ୍କାର ଉତ୍ସବରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ସମାରୋହରେ ଭାରତ ସ୍କାଉଟ୍ସ ଗାଇଡ୍ସର ଜାତୀୟ ଉପସଭାପତି ତଥା ରାଜ୍ୟ ମୁଖ୍ୟ କମିଶନର କାଳିପ୍ରସାଦ ମିଶ୍ର, ଓଡ଼ିଶା ରାଜ୍ୟ ଶାଖା ସଭାପତି ତଥା ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ, ରାଜ୍ୟ ସମବାୟ ସମିତି ସଭାପତି ଟି. ପ୍ରସାଦ ରାଓ ଦୋରା, ରାଜ୍ୟ ମହିଳା କମିଶନର ଅଧକ୍ଷା ଡ. ମିନତୀ ବେହେରା, ରାଜ୍ୟ ସ୍କାଉଟ୍ସ ଗାଇଡ୍ସର ଉପସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି ଉକ୍ତ ସମାରୋହରେ ଉପସ୍ଥିତ ଥିଲେ।

ରାଜ୍ୟସ୍ତରରେ ଶ୍ରେଷ୍ଠ ଜିଲା ଭାବେ ଢେଙ୍କାନାଳ ଜିଲା ସ୍କାଉଟ୍ସ ଗାଇଡ୍ସ କ୍ୟାମ୍ପୋରିରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଜିଲା ସ୍କାଉଟ୍ସ ଗାଇଡ୍ସର ମୁଖ୍ୟ କମିଶନର ପାଣି, ଜିଲା ସ୍କାଉଟ୍ସ ଗାଇଡ୍ସର ସମ୍ପାଦକ ଜ୍ୟୋତି ପ୍ରସାଦ ପରିଡ଼ା ଓ ପଞ୍ଚାୟତିରାଜ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ରାଜ୍ୟପାଳଙ୍କ ଠାରୁ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଏହି ସଫଳତା ନିମନ୍ତେ ପାଣିଙ୍କୁ ରାଜ୍ୟ ସ୍କାଉଟ୍ସ ଗାଇଡ୍ସର ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ, ରାଜ୍ୟ ସଙ୍ଗଠନ କମିଶନର ଗାଇଡ୍ସ ଅନାମିକା ଦାସ, ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ସସ୍ମିତା ସାହୁ, ସଦର ବ୍ଲକ ଶିକ୍ଷା ଅଧିକାରୀ ବ୍ରାହ୍ମାନନ୍ଦ ରାଉତ, କାମାକ୍ଷାନଗର ବ୍ଲକ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନା, ଓଡ଼ାପଡ଼ା ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର କାଲୋ, ପରଜଙ୍ଗ ବ୍ଲକ ଶିକ୍ଷା ଅଧିକାରୀ ହରିହର ଦେହୁରୀ, ଭୁବନ ବ୍ଲକ ଶିକ୍ଷା ଅଧିକାରୀ ରୁଦ୍ରନାରାୟଣ ସାମଲ, କଙ୍କଡ଼ାହାଡ଼ ବ୍ଲକ ଶିକ୍ଷା ଅଧିକାରୀ ମିନତୀ ଦେହୁରୀ, ଜିଲା ସ୍କାଉଟ୍ସ କମିଶନର ଇତିଶ କୁମାର ବରାଳ, ଜିଲା ଗାଇଡ୍ସ କମିଶନର ପୁଷ୍ପାଞ୍ଜଳି ଦଳେଇ, ସ୍କାଉଟ୍ସ ସଙ୍ଗଠନ କମିଶନର ବିଜୟ କୁମାର ନନ୍ଦ, ଗାଇଡ୍ସ ସଙ୍ଗଠନ କମିଶନର ସବିତା ସାହୁ, ସ୍କାଉଟ୍ସ ତାଲିମ କମିଶନର ନରେଶ କୁମାର ମହାରଣା ଓ ଜିଲାର ସମସ୍ତ ସ୍କାଉଟ୍ସ ମାଷ୍ଟର ଓ ଗାଇଡ୍ସ କ୍ୟାପ୍ଟେନ ଏହି ସଫଳତା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ରାଜ୍ୟପାଳଙ୍କ ଠାରୁ ଢେଙ୍କାନାଳ ଜିଲା ଶିକ୍ଷା ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

# ୨ ଲେନ୍ ହେବ ଦେଓଗାଁ–ମନ୍ଦାର ରାସ୍ତା

- ୨୬ କୋଟି ୯୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ
- ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ, ୨୦ ମାସରେ ସରିବ

**ଢେଙ୍କାନାଳ ଅଫିସ, ୧୮।୪**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ଦେଓଗାଁ– ମନ୍ଦାର ରାସ୍ତା ୨ ଲେନ୍ କରାଯିବ। ମଙ୍ଗଳବାର ଦେଓଗାଁଠାରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲ, ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁ ଓ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ ପ୍ରମୁଖ ଯୋଗଦେଇଥିଲେ। ପୂର୍ତ୍ତ ବିଭାଗ କନଷ୍ଟ୍ରକଶନ ଚିଫ୍ ଇଞ୍ଜିନିୟର ଅଶୋକ କୁମାର ଗିରି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ପୂର୍ତ୍ତ ବିଭାଗ ରାସ୍ତାର ୨୧ କି.ମି. ୨ ଲେନ୍ କରାଯିବା ପାଇଁ ୨୬ କୋଟି ୯୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ୨୦ ମାସ ମଧ୍ୟରେ ଏହି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ଲକ୍ଷ୍ୟ ରଖାଯାଇଛି। ସୂଚନାଯୋଗ୍ୟ, ଏହି ରାସ୍ତା ଢେଙ୍କାନାଳରୁ କପିଳାସ, ଦେଓଗାଁ, ଗନ୍ଦିଆ, ଷଡ଼ଙ୍ଗୀ ଓ ମନ୍ଦାର ଦେଇ ଭୁବନକୁ ସଂଯୋଗ କରୁଛି।


ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ଅବସରରେ ଖଣିମନ୍ତ୍ରୀଙ୍କ ସହ ବିଧାୟକ ଓ ଅନ୍ୟମାନେ।

## ଚୋରି ବାଇକ୍ ଜବତ, ଜଣେ ଗିରଫ

**ବଇଣ୍ଡା,୧୮।୪(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଧୁଣ୍ଡି ଗ୍ରାମର ରାଜକିଶୋର ସାହୁଙ୍କ ଚୋରି ହୋଇଥିବା ବାଇକ୍‌କୁ ପୋଲିସ ମଙ୍ଗଳବାର ପଥରଗୁମ୍ଫା ଅଞ୍ଚଳରୁ ଜବତ କରିଛି। ଏହି ଘଟଣାରେ କିଶୋରନଗର ଥାନା ବାଟିମୁଣ୍ଡା ଗ୍ରାମର ସୁମନ ପ୍ରଧାନଙ୍କୁ ଗିରଫ କରାଯାଇଛି। ପୋଲିସ କହିଛି, ସୁମନ ଠାକୁରଗଡ଼ ଯାତ୍ରା ଦେଖିବାକୁ ଆସିଥିବାବେଳେ ରାଜ କିଶୋରଙ୍କ ବାଇକ୍‌କୁ ଚୋରି କରି ନେଇଥିଲେ। ଏ ନେଇ ରାଜକିଶୋରଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୬୩/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

# ୬୦ ଗାଡ଼ି ଯାଞ୍ଚ, ୩ ଲକ୍ଷ ଜରିମାନା

### ଦୁର୍ଘଟଣା ପରେ ଚେତିଲା ପ୍ରଶାସନ

**ଢେଙ୍କାନାଳ ଅଫିସ, ୧୮।୪**

ଢେଙ୍କାନାଳ ସହରରେ ସ୍କୁଲ ବସ୍ ଧକ୍କାରେ ସୋମବାର ପୌରପାଳିକାର ଜଣେ କର୍ମଚାରୀଙ୍କ ମୃତ୍ୟୁ ପରେ ଛାତ୍ରୀଛାତ୍ରଙ୍କୁ ପରିବହନ କରୁଥିବା ଏପରି ଯାନବାହାନ ଯାଞ୍ଚକୁ କଡ଼ାକଡ଼ି କରିଛି ପ୍ରଶାସନ। ମଙ୍ଗଳବାର ଜିଲା ଆଞ୍ଚଳିକ ପରିବହନ ବିଭାଗ ଓ ଟାଉନ ଥାନା ପୋଲିସ ପକ୍ଷରୁ ମିଳିତ ଭାବେ ସ୍କୁଲ ବସ୍ ଓ ଅଟୋ ସହ ମୋଟ ୬୦ଟି ଗାଡ଼ି ଯାଞ୍ଚ କରାଯାଇଛି। ଏହି ଯାଞ୍ଚ ବେଳେ ମୋଟ୍ ୩ ଲକ୍ଷ ୨୭ ହଜାର ୮୭୫ ଟଙ୍କା ଜରିମାନା ଆଦାୟ କରାଯାଇଥିବା ମୋଟର ଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁ ସୂଚନା ଦେଇଛନ୍ତି।




ସେହିପରି ଟାଉନ ଥାନା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଦୁଇ ଚକିଆ ଯାନ ଚାଳକଙ୍କ ହେଲମେଟ ଯାଞ୍ଚ କରାଯାଇ ୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସକାଳୁଆ ସ୍କୁଲ ଓ ଅଫିସ ଚାଲୁଥିବା ବେଳେ ରାମଦାସ ଛକ ଓ କଣ୍ଟାନାଳୀ ବାଇପାସ ଛକ ଠାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଟ୍ରାଫିକ ପୋଲିସ ମୁତୟନ କରାଯିବ ବୋଲି ଏସ୍‌ପି ଜ୍ଞାନ ରଞ୍ଜନ ମହାପାତ୍ର ସୂଚନା ଦେଇଛନ୍ତି। ତେବେ ଯାଞ୍ଚ ସମୟରେ ଜଣେ ସ୍କୁଲ ବସ୍ ଚାଳକ ମଦ ପିଇ ବସ୍ ଚଳାଉଥିବା ବେଳେ ଧରାପଡିଥିବା ଟାଉନ ଥାନା ପୋଲିସ ପ୍ରକାଶ କରିଛି। ଏହି ଯାଞ୍ଚରେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର, ଏମ୍‌ଭିଆଇ ଦେବାଶିଷ ସ୍ୱାଇଁ, ଟ୍ରାଫିକ ଇନ୍ସପେକ୍ଟର ସିତାଂଶୁ ରଞ୍ଜନ ବେହେରାଙ୍କ ସମେତ ଟାଉନଥାନା ପୋଲିସ ସାମିଲ ଥିଲେ।

# ପ୍ରାଣୀବିଜ୍ଞାନ ବିଭାଗର ଦ୍ୱିତୀୟ ସେମିନାର

**ଢେଙ୍କାନାଳ ଅଫିସ, ୧୮।୪**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗର ଦ୍ୱିତୀୟ ସେମିନାର ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି। ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ମନୋଜ କୁମାର ମହାପାତ୍ର ପ୍ରୋଟିନ ସଂଶ୍ଳେଷଣରେ ଟ୍ରାନ୍ସକ୍ରିପଶନ ପ୍ରକ୍ରିୟାର ଭୂମିକା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ସୁଶାନ୍ତ କୁମାର ପ୍ରଧାନ ମୁଖ୍ୟବକ୍ତା ଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏଥିସହ ପ୍ରୋଟିନ ସଂଶ୍ଳେଷଣରେ ଟ୍ରାନ୍ସକ୍ରିପଶନ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସେମିନାର ସହଯୋଗୀ ସମ୍ପାଦକ ଦିନେଶ ଆଦିତ୍ୟରାଜ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱାତି ସୁଚରିତା ରଥ ଓ ହର୍ଷିତା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଣୀବିଜ୍ଞାନ ବିଭାଗ ଡେମନଷ୍ଟ୍ରେଟର ସଦାନନ୍ଦ ସାହୁ, ଚିତ୍ରାଞ୍ଜଳି ଜେନା, ଲକ୍ଷ୍ମୀପ୍ରିୟା ମିଶ୍ର ଓ ଅତିଥି ଅଧ୍ୟାପିକା ଜୟଶ୍ରୀ ରଥ, ମନସ୍ୱିନୀ ପ୍ରଧାନ, ମୋନାଲିସା ସାହୁ ଉପସ୍ଥିତ ଥିଲେ। ବିଭାଗର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷର ସମସ୍ତ ଛାତ୍ରୀଛାତ୍ର ଏହି ସେମିନାରରେ ଯୋଗ ଦେଇଥିଲେ।


ସେମିନାରରେ ଉପସ୍ଥିତ ଛାତ୍ରୀଛାତ୍ରମାନେ।

# ୪୦ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ

**ଢେଙ୍କାନାଳ ଅଫିସ, ୧୮।୪**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡ଼ଗପ୍ରସାଦ ଠାରେ ଥିବା ନବ କମ୍ପାନୀ ପ୍ରାଇଭେଟ ଲିମିଟେଡର ଦକ୍ଷତା ବିକାଶ କେନ୍ଦ୍ରରେ ସିଲେଇ, ଫିଟର ଓ ଇଲେକ୍ଟ୍ରିସିଆନ ଭାବେ ପ୍ରଶିକ୍ଷଣ ନେଇଥିବା ପ୍ରଶିକ୍ଷାର୍ଥୀମାନଙ୍କୁ ମଙ୍ଗଳବାର କମ୍ପାନୀ ପକ୍ଷରୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ କମ୍ପାନୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କମ୍ପାନୀ ଓଡ଼ିଶା ୟୁନିଟ୍‌ର ବରିଷ୍ଠ ଉପସଭାପତି କମୋଡର ଜି. ପ୍ରକାଶ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କମ୍ପାନୀର ଦକ୍ଷତା ବିକାଶ କେନ୍ଦ୍ର କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ। କମ୍ପାନୀର ସିଏସ୍‌ଆର୍ କାର୍ଯ୍ୟକ୍ରମ ମାଧ୍ୟମରେ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ମହିଳା, ଯୁବତୀ ଓ ଯୁବକମାନଙ୍କ ଜୀବନଜୀବିକା ଏବଂ ସେମାନଙ୍କୁ ରୋଜଗାରକ୍ଷମ କରାଇବା ପାଇଁ ନବ କମ୍ପାନୀ ପକ୍ଷରୁ ପ୍ରୟାସ ଜାରି ରହିଛି। କମ୍ପାନୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ଶିବପୁର, ଖଡ଼ଗପ୍ରସାଦ, ଚରଡ଼ଗାଡ଼ିଆ, କୋଚିଲାମଡ଼ା, ମେରାମୁଣ୍ଡଳୀ ଗ୍ରାମର ତୃତୀୟ ବ୍ୟାଚର ୨୦ ଜଣ ମହିଳା ସିଲେଇ ପ୍ରଶିକ୍ଷାର୍ଥୀ, ୨୦ ଜଣ ଦ୍ୱିତୀୟ ବ୍ୟାଚ ଫିଟର ଓ ଇଲେକ୍ଟ୍ରିସିଆନ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରମାଣପତ୍ର ଦିଆଯାଇଥିଲା। ଏଥିପୂର୍ବରୁ ପ୍ରଶିକ୍ଷଣ ନେଇ ପ୍ରମାଣପତ୍ର ହାସଲ କରିଥିବା କେତେଜଣ ପ୍ରଶିକ୍ଷାର୍ଥୀ ଅନୁଗୋଳସ୍ଥିତ ଏକ ଗାରମେଣ୍ଟ କମ୍ପାନୀରେ ନିଯୁକ୍ତି ପାଇଥିବା ବେଳେ କେତେଜଣ ନିଜେ ସିଲାଇ କରି ରୋଜଗାରକ୍ଷମ ହୋଇଛନ୍ତି। ସେହିପରି ଫିଟର ଓ ଇଲେକ୍ଟ୍ରିସିଆନ ତାଲିମ ନେଇଥିବା ପ୍ରଶିକ୍ଷାର୍ଥୀମାନେ ନିକଟସ୍ଥ କମ୍ପାନୀରେ ନିଯୁକ୍ତି ପାଇ ରୋଜଗାରକ୍ଷମ ହୋଇପାରିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।


ପ୍ରଶିକ୍ଷାର୍ଥୀମାନେ ପାଇଥିବା ପ୍ରମାଣପତ୍ର ଦେଖାଉଛନ୍ତି।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଅନୁଗୋଳ ଅଫିସ, ୧୮।୪: ଅନୁଗୋଳ ବନଖଣ୍ଡ ବନ୍ତଲା ରେଞ୍ଜରେ ମଙ୍ଗଳବାର ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବନ୍ତଲା ରେଞ୍ଜ କନ୍ତମେଘ ଗ୍ରାମର ରମେଶ ଦେହୁରୀ। ରମେଶ ଭୋର୍ ସମୟରେ ଗାଁ ମୁଣ୍ଡ ତୋଟାକୁ ଆମ୍ବ ଗୋଟାଇବାକୁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଥିଲେ। ତୋଟା ନିକଟରେ ଥିବା ଏକ ଦନ୍ତା ହାତୀ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ରମେଶଙ୍କ ମୃତ୍ୟୁ ହୋଇଯାଇଥିଲା। ଗ୍ରାମର କେତେଜଣ ଲୋକ ରମେଶଙ୍କ ମୃତଦେହ ପଡ଼ିଥିବା ଦେଖି ହାତୀ ଆକ୍ରମଣ କରିଥିବା ଜାଣିବାକୁ ପାଇଥିଲେ। ଖବରପାଇ ବନ୍ତଲା ପୋଲିସ ଓ ବନ କର୍ମଚାରୀମାନେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଅନୁଗୋଳ ଡିଏଫଓ ବିବେକ କୁମାର କହିଛନ୍ତି, ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଛି। ଉକ୍ତ ଅଞ୍ଚଳରେ ୪ରୁ ୫ଟି ହାତୀ ରହିଛନ୍ତି। ମୃତକଙ୍କ ପରିବାରକୁ କିଛି କ୍ଷତିପୂରଣ ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅବଶିଷ୍ଟ କ୍ଷତିପୂରଣ ରାଶି ପ୍ରଦାନ କରାଯିବ।



# ପ୍ରଶ୍ରୟ ଦେଉଛି ପ୍ରଶାସନ

- କିଶୋରନଗର ବ୍ଲକରେ ଦୁର୍ନୀତି ହେଉଥିବା ଅଭିଯୋଗ
- ୬ ମାସ ପରେ ସମିତି ବୈଠକ ବସିଥିବାରୁ ବର୍ଷିଲେ ପଞ୍ଚାୟତ ପ୍ରତିନିଧି
- ଅନେକ ସମିତି ସଭ୍ୟ ଅଧାରୁ ଉଠି ପଳାଇଲେ

ବଇଣ୍ଡା, ୧୮।୪ (ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ହେଉଛି। ବ୍ଲକ ପ୍ରଶାସନ ସବୁବେଳେ ସମିତିସଭ୍ୟମାନଙ୍କୁ ଅଣଦେଖା କରି କୁଜି ନେତାଙ୍କ ଜରିଆରେ ଏହି ଦୁର୍ନୀତିକୁ ପ୍ରଶ୍ରୟ ଦେଉଥିବା ମଙ୍ଗଳବାର ଅନୁଷ୍ଠିତ ପଞ୍ଚାୟତ ସମିତି ବୈଠକରେ କେତେଜଣ ସମିତି ସଭ୍ୟ ଅଭିଯୋଗ କରିବା ସହ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ଏଥିସହ ୬ ମାସ ପରେ ବ୍ଲକ ପ୍ରଶାସନ ବୈଠକ ଡାକୁଥିବାରୁ ଏହି ପଞ୍ଚାୟତ ପ୍ରତିନିଧିମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏପରି କି ବୈଠକରେ ହଟ୍ଟଗୋଳ କରିବା ସହ କେତେଜଣ ସମିତି ସଭ୍ୟ ଅଧାରୁ ଉଠି ପଳାଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, କିଶୋରନଗର ବ୍ଲକ ସଭାଗୃହରେ ମଙ୍ଗଳବାର ପଞ୍ଚାୟତ ସମିତି ବୈଠକ ବସିଥିଲା। ଏଥିରେ ବ୍ଲକ ଅଧକ୍ଷା ସୈରେନ୍ଦ୍ରୀ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ବିଡିଓ ବିନୋଦ ବିହାରୀ ବେହେରା, ଏବିଡିଓ ଦିଲୀପ କୁମାର ସାହୁ, ଜିଲା ପରିଷଦ ସଦସ୍ୟ ବିଷ୍ଣୁପ୍ରିୟା ପ୍ରଧାନ, ଅନୁପମା ସାହୁ, ବ୍ଲକ ଉପାଧକ୍ଷ ଲବ କୁମାର ପ୍ରଧାନ, ଆଠମଲ୍ଲିକ ବିଧାୟକଙ୍କ ପ୍ରତିନିଧି କାଳନ୍ଦୀ ଚରଣ ପ୍ରଧାନଙ୍କ ସମେତ ୨୩ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ହେଲେ ବୈଠକ ଆରମ୍ଭରୁ ହୋହଲ୍ଲା ଦେଖିବାକୁ ମିଳିଥିଲା। ପଞ୍ଚାୟତ ସମିତି ବୈଠକ ଠିକ୍ ସମୟରେ ବସୁ ନ ଥିବା ଯୋଗୁ ପଞ୍ଚାୟତ ପ୍ରତିନିଧିମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏଥିସହ ବ୍ଲକରେ ଉନ୍ନୟନ କାର୍ଯ୍ୟ ଠପ୍ ହୋଇଯାଇଥିବା ଓ କୁଜି ନେତାମାନଙ୍କୁ ନେଇ ଦୁର୍ନୀତି କରାଯାଉଥିବା ଅଭିଯୋଗ କରି ହଣ୍ଡପା, ଠେଲକନାଳୀ, ଗାଁ ବଇଣ୍ଡା ଆଦି ପଞ୍ଚାୟତର ସମିତିସଭ୍ୟମାନେ ଏକ ଅଭିଯୋଗପତ୍ର ବ୍ଲକ ଅଧକ୍ଷାଙ୍କୁ ଦେଇଥିଲେ। ଉକ୍ତ ଅଭିଯୋଗକୁ ତର୍ଜମା କରି ବୈଠକରେ ସ୍ପଷ୍ଟୀକରଣ ରଖିବା ପାଇଁ ସମିତିମାନେ ଦାବି କରିଥିଲେ। ଏହାକୁ ନେଇ ବୈଠକରେ ହଟ୍ଟଗୋଳ ସୃଷ୍ଟି ହୋଇଥିଲା। ଜଣେ ସରପଞ୍ଚ ଅଭିଯୋଗକାରୀ ସମିତି ସଭ୍ୟମାନଙ୍କୁ ବିରୋଧ କରି ବୈଠକରୁ ବାହାରି ଯିବା ପାଇଁ କହିଥିଲେ। ଏହାକୁ ନେଇ ସମିତି ସଭ୍ୟମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏପରିକି କେତେଜଣ ସମିତି ସଭ୍ୟ ବୈଠକ ଅଧାରୁ ଉଠି ପଳାଇଥିଲେ। ଦୀର୍ଘଦିନ ପରେ ବୈଠକ ବସିଥିଲେ ହେଁ ପଞ୍ଚାୟତ ପ୍ରତିନିଧିମାନଙ୍କ ମଧ୍ୟରେ ଥିବା ଅସନ୍ତୋଷକୁ ବ୍ଲକ ପ୍ରଶାସନ ସମାଧାନ କରିବାରେ ବିଫଳ ହୋଇଥିଲା। ଏ ନେଇ କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ କୌଣସି ଉତ୍ତର ନ ଦେଇ ପ୍ରସଙ୍ଗକୁ ଏଡାଇ ଦେଇଥିଲେ।



ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

### ସମିତି ସଭ୍ୟମାନଙ୍କୁ ଅଣଦେଖା କରାଯାଉଛି



ବ୍ଲକ ଅଞ୍ଚଳର ବିଭିନ୍ନ ସମସ୍ୟା ସମାଧାନ ଓ ଉନ୍ନୟନ କାର୍ଯ୍ୟ କିଭଳି ହୋଇପାରିବ ସେ ନେଇ ବ୍ଲକ ଅଧକ୍ଷାଙ୍କୁ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଯାଇଥିଲା। ହେଲେ ଏହାକୁ ଅଣଦେଖା କରି ପ୍ରଶାସନ ଏକତରଫା ଭାବେ ବୈଠକ ଚଳାଇଥିଲା। କୁଜି ନେତାମାନଙ୍କ କଥାରେ ପ୍ରଶାସନ ପରିଚାଳିତ ହୋଇ ଦୁର୍ନୀତିକୁ ପ୍ରଶ୍ରୟ ଦେଉଛି।

-ଆନୁକୂଲ୍ୟ ବେହେରା, ସମିତି ସଭ୍ୟ, ହଣ୍ଡପା

### ଭୟର ବାତାବରଣ ସୃଷ୍ଟି କରାଯାଉଛି



୬ ମାସ ହେବ ପଞ୍ଚାୟତ ସମିତି ବୈଠକ କରାଯାଇ ନ ଥିଲା। ଯେତେବେଳେ ବୈଠକ ବସୁଛି, ଏହା ନିକଟରେ ଅସାମାଜିକ ବ୍ୟକ୍ତିମାନଙ୍କୁ ରଖାଯାଇ ଭୟର ବାତାବରଣ ସୃଷ୍ଟି କରାଯାଉଛି। ସରକାରୀ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏ ନେଇ ଅଭିଯୋଗ କଲେ ଧମକ ଦିଆଯାଇ ପାଟି ଚୁପ୍ କରିଦିଆଯାଉଛି।

-ଧୋବେଇ ବେହେରା, ସମିତି ସଭ୍ୟ, ଲୁହାମୁଣ୍ଡା

### ଏକତରଫା ଭାବେ ବୈଠକ ହେଉଛି



କିଶୋରନଗର ବ୍ଲକ ପ୍ରଶାସନ ପକ୍ଷରୁ ଡକାଯାଉଥିବା ପଞ୍ଚାୟତ ସମିତି ବୈଠକ ଏକତରଫା ଭାବେ କରାଯାଉଛି। ସେଥିପାଇଁ ବୈଠକରେ ଏପରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ସହ ଏହା ସଫଳ ହେଇପାରୁନାହିଁ। ସମସ୍ୟାର ସମାଧାନ ଦିଗରେ ବ୍ଲକ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ।

-କାଳନ୍ଦୀ ଚରଣ ପ୍ରଧାନ, ବିଧାୟକଙ୍କ ପ୍ରତିନିଧି

### ବୈଠକ ସଫଳ କରାଇ ନ ଦେବା ଉଦ୍ୟମ



ବିଧାନସଭା ଚାଲିଥିବା ଯୋଗୁ ବୈଠକ ଡକାଯାଇପାରୁ ନ ଥିଲା। ପଞ୍ଚାୟତ ସମିତିର ପ୍ରତ୍ୟେକ ବୈଠକରେ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରାଯାଉଛି। ମଙ୍ଗଳବାର ବସିଥିବା ବୈଠକରେ ବିଭିନ୍ନ ଅଞ୍ଚଳର ବିକାଶମୂଳକ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ହେଲେ କେତେଜଣ ସମିତି ସଭ୍ୟ ବୈଠକକୁ ସଫଳ କରାଇ ନ ଦେବାକୁ ଉଦ୍ୟମ କରିଥିଲେ।

-ଜିତେନ୍ଦ୍ର ସାହୁ, ସରପଞ୍ଚ, ଅଙ୍ଗପଡ଼ା

# କବୟିତ୍ରୀ ଶୋଭାଗିନୀଙ୍କୁ ସମ୍ବର୍ଦ୍ଧନା

ତାଳଚେର,୧୮।୪(ନି.ପ୍ର.)

ଅନୁଗୋଳ ଜିଲା ସାହିତ୍ୟ ସଂସଦ ତରଫରୁ ତାଳଚେରର ଶିକ୍ଷା ସଙ୍ଗଠିକା ଶୋଭାଗିନୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶୋଭାଗିନୀ ଏକାଧାରରେ ଜଣେ ଶିକ୍ଷାବିତ୍, ସାମାଜିକ କର୍ମୀ, କବୟିତ୍ରୀ, ସାମରିକ ବାହିନୀ ରାଣୀ ଶୁକଦେଇ ବାହିନୀର ପ୍ରତିଷ୍ଠାତା ଏବଂ ତାଳଚେର ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠାତା ସହ ସୈନିକ ସ୍କୁଲ ସ୍ଥାପନ କରି ନିଜ ଜୀବନକୁ ଉତ୍ସର୍ଗୀକୃତ କରିଛନ୍ତି। ତାଳଚେର ରାଜବଂଶର ଜେମା ହିସାବରେ ସମାଜ ପାଇଁ ତ୍ୟାଗ ବଳିଦାନର ପରିଚୟ ସୃଷ୍ଟି କରିଛନ୍ତି, ଯାହା ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛି। ଏହି ଅବସରରେ ଅନୁଗୋଳସ୍ଥିତ ରୋଟାରି ପବ୍ଲିକ ସ୍କୁଲ ପରିସରରେ ଆୟୋଜିତ ବିଷୁବ ମିଳନ କାର୍ଯ୍ୟକ୍ରମରେ ଅତିଥି ଭାବେ ଦେବବ୍ରତ ଦାସ, ଜିଲା ସାହିତ୍ୟ ସଂସଦ ସଭାପତି ପ୍ରଫେସର କୁମୁଦ ଚନ୍ଦ୍ର ଦାସ, ସମ୍ପାଦକ ରାଧାକାନ୍ତ ମହାନ୍ତି, ଶିକ୍ଷାବିତ୍ ଶାନ୍ତନୁ ସର, ସଂଗ୍ରାମ କେଶରୀ ପୃଷ୍ଟି ଏବଂ ବାଜି ରାଉତ ଛାତ୍ରାବାସର ଅଧକ୍ଷା କ୍ରିଷ୍ଣା ମହାନ୍ତି ଯୋଗଦେଇ ଶୋଭାଗିନୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲାର ସମସ୍ତ କଳା ସାହିତ୍ୟ ସଂସ୍କୃତି ବିଭାଗର ସଭ୍ୟାସଭ୍ୟ, ବହୁ କବି ଓ କବୟିତ୍ରୀ ଉପସ୍ଥିତ ଥିଲେ।




ଶୋଭାଗିନୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ରକ୍ତଦାନ ସମ୍ପର୍କରେ ସଚେତନତା

ବଇଣ୍ଡା,୧୮।୪(ଡି.ଏନ.ଏ.)

ରକ୍ତ ଅଭାବ ଯୋଗୁ ଅନେକ ନିରୀହ ଜୀବନ ଚାଲିଯାଉଛି। ଏପରିକି ରକ୍ତ ଦାନ କଲେ ନିଜର ସ୍ୱାସ୍ଥ୍ୟ ଭଲ ରହିବା ସହ ଅନେକଙ୍କ ଜୀବନ ରକ୍ଷା କରାଯାଇପାରିବ। ସେଥିପାଇଁ ପ୍ରତ୍ୟେକ ପରିବାରରେ ରକ୍ତଦାତା ରହିବା ଆବଶ୍ୟକ ବୋଲି ଭଦ୍ରକ ଜିଲାର ଜୟଦେବ ରାଉତ ସାଇକେଲ ଯୋଗେ ସଚେତନତା ବାର୍ତ୍ତା ଦେଉଛନ୍ତି। ରବିବାର ସେ କିଶୋରନଗର ବ୍ଲକ ଲୁହାମୁଣ୍ଡା ଓ ନୁନୁକାପଶି ପଞ୍ଚାୟତରେ ପହଞ୍ଚି ରକ୍ତଦାନ ପାଇଁ ଲୋକଙ୍କୁ ସଚେତନ କରିଛନ୍ତି। ଅକ୍ଟୋବର ୧ରୁ କୋଲକାତାରୁ ସାଇକେଲ ଯୋଗେ ବାହାରି ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ, ଦିଲ୍ଲୀ, ରାଜସ୍ଥାନ, ଗୁଜରାଟ, ପଞ୍ଜାବ, ଜାମୁକାଶ୍ମୀର, ମହାରାଷ୍ଟ୍ର ଆଦି ରାଜ୍ୟ ପରିକ୍ରମା କରିବା ପରେ ରବିବାର ବଇଣ୍ଡାରେ ପହଞ୍ଚିଥିଲେ। ତାଙ୍କୁ ବଣିନାଳିଠାରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିରଞ୍ଚି ବିଶାଳ, ଶ୍ରୀନିବାସ ବିଶ୍ୱାଳ ସ୍ୱାଗତ କରିଥିଲେ। ପରେ ବଇଣ୍ଡା, ବଣିନାଳି, ବିଡିସିଙ୍ଗ, ଲୁହାମୁଣ୍ଡାଠାରେ ଲୋକଙ୍କୁ ସଚେତନ କରିଥିଲେ। ଏହାପରେ ବିଶ୍ୱ ଯୁବକେନ୍ଦ୍ରଠାରେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ମନୋଜ ମହାପାତ୍ର ସ୍ୱାଗତ କରିବା ସହ ତାଙ୍କର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଅଭୟ ସ୍ୱାଇଁ, ଭାରତୀ ନାୟକ, ଅଭିଷେକ ମହାପାତ୍ର, ପୁନିଆ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଭଦ୍ରକ ଜିଲାର ଜୟଦେବ ରାଉତ କିଶୋରନଗର ବ୍ଲକରେ ସଚେତନତା ସୃଷ୍ଟି କରୁଛନ୍ତି।

# ରାଜସ୍ୱ ମେଳାରେ ସମସ୍ୟାର ସମାଧାନ

ଆଠମଲ୍ଲିକ,୧୮।୪(ଡି.ଏନ.ଏ.)

ଆଠମଲ୍ଲିକ ତହସିଲ ପକ୍ଷରୁ ମଙ୍ଗଳବାର ୧୦ ଗୋଟି ଆରଆଇ ସର୍କଲରେ ରାଜସ୍ୱ ମେଳା ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଯଶୋବନ୍ତ ଦେହୁରୀଙ୍କ ତତ୍ତ୍ୱାବଧାନରେ ଅଏଡ଼ା, କଇଁତ୍ରାଗଡ଼, ପୁରୁଣାମାଣତ୍ରୀ, ମାଧପୁର, କିଆକଟା, ଟୁସର, ଠାକୁରଗଡ଼, ସାନହୁଲା, ପାଇକସାହି ଏବଂ କନ୍ତପ ଆର୍‌ଆଇ ସର୍କଲରେ ଏହି ମେଳା ଅନୁଷ୍ଠିତ ହୋଇଥିଲା। କିଆକଟାର ମୁଣ୍ଡାପଡାଠାରେ ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା ଉପସ୍ଥିତ ରହି ୮ ଗୋଟି ପଟାଫାଡ, ୬ ଗୋଟି ଲିଗାଲ ହେୟାର, ୪ ଗୋଟି ମ୍ୟୁଟେସନ ମାମଲାର ଫଇସଲା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, କିଆକଟା ଆରଆଇ ଗଣେଶ୍ୱର ନାୟକ, ଟୁସର ଆର୍‌ଆଇ ସୁରେନ୍ଦ୍ର ଦାସ, ମାଧପୁର ଆର୍‌ଆଇ ଅକ୍ଷୟ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।



ରାଜସ୍ୱ ମେଳାରେ ଉପସ୍ଥିତ ଅଧିକାରୀମାନେ।

# ଛତୁଚାଷୀ ଅଜୟ ପୃଷ୍ଟିଙ୍କୁ ସମ୍ମାନିତ



ଛତୁ ଚାଷୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଢେଙ୍କାନାଳ ଅଫିସ, ୧୮।୪

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ଗ୍ରାମର ଛତୁଚାଷୀ ଅଜୟ ପୃଷ୍ଟିଙ୍କୁ ଗତ ରବିବାର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ଦିଆଯାଇଛି। ସରପଞ୍ଚ ଲଳିତା ସାହୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଚାଷୀ ଅଜୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅଜୟ ନ୍ୟାଶନାଲ ଇନୋଭେଶନ ଫାଉଣ୍ଡେଶନ ପକ୍ଷରୁ ଏପ୍ରିଲ ୧୨ରୁ ୧୬ ତାରିଖ ପର୍ଯ୍ୟନ୍ତ ରାଷ୍ଟ୍ରପତି ଭବନ ପରିସରରେ ଆୟୋଜିତ ହୋଇଥିବା ଜାତୀୟ ନବ ପ୍ରବର୍ତ୍ତନ ମେଳାରେ ଯୋଗଦେଇ ନିଜସ୍ୱ ତିଆରୀ ନଡାକଟା ଯନ୍ତ୍ର ପ୍ରଦର୍ଶନ କରି ପ୍ରଶଂସାପତ୍ର ଲାଭ କରିଥିଲେ। ଏହି ସଫଳତା ପାଇଁ ପଞ୍ଚାୟତ ଓ ଅଞ୍ଚଳ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହିଅବସରରେ ଛତୁଚାଷୀ ଦିଲୀପ କୁମାର ମୁଦୁଲି, ସାଗର ସାହିତ୍ୟ ସଂସଦ ପକ୍ଷରୁ ତ୍ରିଲୋଚନ ମହାରଣା, କାମାକ୍ଷା ପ୍ରସାଦ ବେହେରା, ଧନେଶ୍ୱର ସେନାପତି, ଦୁଃଶାସନ ସାହୁ, ହେମନ୍ତ କୁମାର ନାୟକ, ଇନ୍ଦିପୁର ବିକାଶ ପରିଷଦ ସଭାପତି ରଘୁନାଥ ସିଂହ, ପୀତବାସ ପୃଷ୍ଟି, ଶେଷଦେବ ସାହୁ, ରମେଶଚନ୍ଦ୍ର ପୃଷ୍ଟି, ପଦ୍ମଚରଣ ସାହୁ, ଦାମୋଦର ନାୟକ, ରସାନନ୍ଦ ସାହୁ, ସମିତି ସଭ୍ୟ ଯୁଗଳ କିଶୋର ମହାରଣା, କୁଞ୍ଜ ବିହାରୀ ସାହୁ, ପୁରୁଷୋତ୍ତମ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ବରପୁତ୍ରଙ୍କ ଅବିକଳ ପ୍ରତିମୂର୍ତ୍ତି ସ୍ଥାପନ ଦାବି

କଣିହାଁ,୧୮।୪(ଡି.ଏନ.ଏ.)

ସଂଗ୍ରାମୀ ତଥା ଓଡ଼ିଶାର ବରପୁତ୍ରମାନଙ୍କ ଅବିକଳ ପ୍ରତିମୂର୍ତ୍ତି ସ୍ଥାପନ ସହିତ ତାଳଚେର ଗଡ଼ଜାତର ସଂଗ୍ରାମୀ ପଞ୍ଚଶଖାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବାକୁ ମଙ୍ଗଳବାର କଣିହାଁ ଶାଖା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି, ଅନୁଗୋଳ ସହର ଗୋପବନ୍ଧୁ ପାର୍କରେ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ତ୍ରୁଟିପୂର୍ଣ୍ଣ ପ୍ରତିମୂର୍ତ୍ତି ସ୍ଥାପନ ନେଇ ବିବାଦ ଉପୁଜିଥିଲା। ତ୍ରୁଟି ସୁଧାରିବା ପାଇଁ ରାଜ୍ୟ ସରକାର ଆଗଭର ହୋଇଥିବାବେଳେ ସମସ୍ତ ବରପୁତ୍ରଙ୍କ ଅବିକଳ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ। ଏଥିସହ ତାଳଚେର ଗଡ଼ଜାତ ଆନ୍ଦୋଳନର ପଞ୍ଚଶଖାଙ୍କ ପ୍ରତିମୂର୍ତ୍ତି ଏବଂ ମାଗୁଣିଚରଣ ପ୍ରଧାନ, ଦାଶରଥୀ ପାଣିଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସଂସ୍କୃତି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।



କଣିହାଁ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# 'ଉଦ୍ଭିଦ ହିଁ ଔଷଧର ଶେଷ ଉତ୍ସ'

ଢେଙ୍କାନାଳ ଅଫିସ,୧୮।୪

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଓଡ଼ିଶା ବଟାନିକାଲ ସୋସାଇଟି ଓ ସ୍ନାତକୋତ୍ତର ଉଦ୍ଭିଦ ବିଭାଗ ମିଳିତ ସହଯୋଗରେ ଏକ ଜାତୀୟ ସୋପାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଢେଙ୍କାନାଳର ବିଭିନ୍ନ କଲେଜର ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର ଯୋଗଦେଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ ଏଥିରେ ଅଧକ୍ଷତା କରିବା ସହ ଛାତ୍ରୀଛାତ୍ରମାନେ ଏହି ସେମିନାରରୁ ଉପଲବ୍ଧ ଜ୍ଞାନକୁ ନିଜ ଜୀବନରେ ବ୍ୟବହାର ପାଇଁ ଆହ୍ୱାନ ଦେଇଥିଲେ। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପି.ଜି. କାଉନସିଲ ଚେୟାରମ୍ୟାନ ପ୍ରଫେସର ଚଣ୍ଡୀଚରଣ ରଥ ଯୋଗଦେଇ ଉଦ୍ଭିଦମାନେ ହିଁ ଔଷଧର ଶେଷ ଉତ୍ସ ବୋଲି ପ୍ରକାଶ କରିଥିଲେ। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଜୀବବିଜ୍ଞାନ ନିର୍ଦ୍ଦେଶକ ପ୍ରଫେସର କୁଞ୍ଜବିହାରୀ ଶତପଥୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡ. ସୁଜାତା ମହାନ୍ତି ଯୋଗଦେଇଥିଲେ। ସଭା ଆରମ୍ଭରେ ବିଭାଗୀୟ ମୁଖ୍ୟ ଡ. ଏ.କେ. ଖିଲାର ଅତିଥି ପରିଚୟ ଦେଇଥିଲେ। ଡ. ଦେବରାଜ ପରିଡ଼ା ଧନ୍ୟବାଦ ଦେଇଥିଲେ। ଚିନ୍ମୟୀ ସାହୁ, ଅନିଶା ରଥ, ରାଧିକା ବନାନୀ, ଶିବାନୀ ଶୁଭଙ୍କରୀ, ଉପାସନା ପଣ୍ଡା, ସୁଶ୍ରୀ ରାଉତରାୟ, ସଙ୍ଗୀତ ନନ୍ଦ ପ୍ରମୁଖ ସହଯୋଗ କରିଥିଲେ।




ଢେଙ୍କାନାଳ ମହାବିଦ୍ୟାଳୟରେ ଜାତୀୟ ସୋପାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଶିକ୍ଷାବିତ୍‌ମାନେ।

# ନିଆଁ ଆୟତ୍ତ କୌଶଳ ପ୍ରଦର୍ଶନ

## ଟାଟା ଷ୍ଟିଲ ପକ୍ଷରୁ ଅଗ୍ନିଶମ ସପ୍ତାହ ପାଳିତ

ଢେଙ୍କାନାଳ ଅଫିସ,୧୮।୪

ଟାଟା ଷ୍ଟିଲ ମେରାମଣ୍ଡଳୀ(ଟିଏସ୍‌ଏମ୍) ଓ ଟାଟା ଷ୍ଟିଲ୍‌ର ଅନ୍ୟତମ ସହାୟକ କମ୍ପାନୀ ଅନୁଗୋଳ ଏନର୍ଜି ଲିମିଟେଡ୍ (ଏଇଏଲ୍) ପକ୍ଷରୁ ଜାତୀୟ ଅଗ୍ନିଶମ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଏଇଏଲ୍ ପକ୍ଷରୁ ଏକ ପୂର୍ଣ୍ଣକାଳୀନ ମକ ଡ୍ରିଲ୍ ଆୟୋଜନ କରାଯାଇଥିଲା। ଯେଉଁଥିରେ ଡିଷ୍ଟ୍ରିକ୍ଟ କ୍ରାଇସିସ୍ ଗ୍ରୁପ୍‌ର ଉପସ୍ଥିତିରେ ନରେନ୍ଦ୍ରପୁରସ୍ଥିତ ଟିଏସ୍‌ଏମ୍ ପରିସରରେ ଥିବା ଏହାର କାରଖାନାରେ ନିଆଁକୁ ଆୟତ୍ତ କରାଯାଇଥିଲା। ଏହି ମକଡ୍ରିଲରେ ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ ବିଭାଗ ଅନୁଗୋଳ ଜୋନର ସହକାରୀ ନିର୍ଦ୍ଦେଶିକା ଅର୍ଚ୍ଚନା ଦାସ, ସ୍ଥାନୀୟ ଶିଳ୍ପ ପ୍ରତିନିଧି ଓ ସରକାରୀ କର୍ତ୍ତୃପକ୍ଷ ଯୋଗଦେଇଥିଲେ। ଏହି ମକଡ୍ରିଲରେ ଏଇଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଶୈଳେଶ ବର୍ମା, ଟିଏସ୍‌ଏମ୍‌ର ନିରାପତ୍ତା ମୁଖ୍ୟ ଅଗମ କୁମାର ଓ କମ୍ପାନୀର ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହିତ ଏନ୍‌ଟିପିସି କଣିହାଁ, ଆର୍ଯ୍ୟନ ଏନର୍ଜି ପ୍ରାଇଭେଟ ଲିମିଟେଡ, ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟ, ଗ୍ଲୋବାଲ କୋଲ ଆଣ୍ଡ ମାଇନିଂ ଲିମିଟେଡ୍, ଜେଏସ୍‌ପିଏଲ୍, ଜେସିସିପିଏଲ୍ ଓ ଜେଆଇଟିପିଏଲ୍‌ର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଅର୍ଚ୍ଚନା ଦାସ ପ୍ରଦର୍ଶନର ଅନୁଶୀଳନ କରିବା ସହ ସେଥିରେ ଉନ୍ନତି ଆଣିବା ପାଇଁ ମତାମତ ଦେଇଥିଲେ। ଶେଷରେ ଟିଏସ୍‌ଏମ୍‌ରେ ଅଗ୍ନିନିରାପତ୍ତା ଉପରେ ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯାଇଥିଲା।




ଅଗ୍ନିଶମ କର୍ମଚାରୀମାନେ କୌଶଳ ପ୍ରଦର୍ଶନ କରୁଛନ୍ତି।

